# NATIONAL NEWS BULLETIN (ODIA)

**11 May - 2025**

**Morning Bulletin : 7.15 a.m.**

************************************************************

## ମୁଖ୍ୟ ସମ୍ବାଦ

- ଅସ୍ତ୍ରବିରତି ବୁଝାମଣାକୁ ପାକିସ୍ତାନ ବାରମ୍ବାର ଉଲ୍ଲଙ୍ଘନ କରୁଛି ବୋଲି ସୂଚନା ଦେଲେ ବୈଦେଶିକ ବ୍ୟାପାର ସଚିବ ।
- ଦେଶର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ଉନ୍ନତି ଆଣିବା ଉପରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀଙ୍କ ଗୁରୁତ୍ୱ ପ୍ରଦାନ ।
- ଆଜି ପାଳନ କରାଯାଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ।
- ବାଣିଜ୍ୟ କାରବାର ନେଇ ଆମେରିକା ଓ ଚୀନ୍ ମଧ୍ୟରେ ସ୍ୱିଜରଲ୍ୟାଣ୍ଡଠାରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକର ଆୟୋଜନ ନେଇ ଆଜି ବିସିସିଆଇ ଏବଂ ଆଇପିଏଲ୍ ପରିଚାଳନା ପରିଷଦ ମଧ୍ୟରେ ହେବ ବୈଠକ ।

# ଏମ୍‌ଇଏ-ଭାଓଲେସନ

ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ବୁଝାମଣା ପାକିସ୍ତାନ ବାରମ୍ବାର ଉଲ୍ଲଙ୍ଘନ କରୁଛି ବୋଲି ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରୀ କହିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ଶ୍ରୀ ମିଶ୍ରୀ କହିଛନ୍ତି ପାକିସ୍ତାନ ପଟୁ ନିଆଯାଉଥିବା ଏହି ପଦକ୍ଷେପ ଭାରତ ଉଚିତ୍ ଜବାବ ଦେଇଛି । ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଙ୍ଘନକୁ ଭାରତ ଗୁରୁତର ସହ ଗ୍ରହଣ କରିଛି ବୋଲି ସେ କହିଛନ୍ତି । ଅସ୍ତ୍ରବିରତି ଉଲ୍ଲଙ୍ଘନ ନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଭାରତ' ପାକିସ୍ତାନକୁ ପରାମର୍ଶ ଦେଇଛି । ଭାରତୀୟ ସେନା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ଆବଶ୍ୟକସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେନାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି ।

**V/O (Vikram Misri Violation)**

ଶ୍ରୀ ମିଶ୍ରୀ କହିଛନ୍ତି ଗତ ସଂଧ୍ୟାରେ ଉଭୟ ଦେଶର  ସଶସ୍ତ୍ର ବାହିନୀ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇ ଅସ୍ତ୍ରବିରତି ବୁଝାମଣା ହୋଇଛି । ପରିସ୍ଥିତିକୁ ଠିକ୍‌ଭାବେ ସମୀକ୍ଷା କରି ଅସ୍ତ୍ରବିରତି ଉଲ୍ଲଙ୍ଘନ ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଭାରତ ପକ୍ଷରୁ ପାକିସ୍ତାନକୁ ଚେତାବନୀ ଦିଆଯାଇଛି ।

**V/O (Vikram Misri Night Final)**

# ସିଜ୍‌ଫାୟାର

ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସ୍ୱାଗତ କରିଛନ୍ତି । ମହାସଚିବଙ୍କ ପ୍ରବକ୍ତା ଷ୍ଟିଫେନ୍ ଡୁଜାରିକ କହିଛନ୍ତି ଦୁଇଦେଶ ମଧ୍ୟରେ ଶାନ୍ତି ତଥା ଦୀର୍ଘକାଳୀନ ସମସ୍ୟା ସମାଧାନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ଗୁଟେରସ୍ ଆଶାବ୍ୟକ୍ତ କରିଛନ୍ତି । ଉଯଭ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସକୁ ଏହି ନିଷ୍ପତ୍ତି ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି ।

ସେହିଭଳି ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ବୁଝାମଣାକୁ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ କିର ଷ୍ଟାରମର ସ୍ୱାଗତ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ପାଇଁ ବ୍ରିଟେନ୍ କିଛିଦିନ ପୂର୍ବରୁ ପ୍ରସ୍ତାବ ଦେଇଥିଲା ବୋଲି ସେ କହିଛନ୍ତି ।

# ଜିତେନ୍ଦ୍ର ରିଭ୍ୟୁ ମିଟିଂ

ଦେଶର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ଉନ୍ନତି ଆଣିବା ଲାଗି ବୈଷୟିକ ଏବଂ ବୈଜ୍ଞାନିକ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଗୁରୁତ୍ୱ ଦେଇଛନ୍ତି । ଜାମ୍ମୁକାଶ୍ମୀର, ପଞ୍ଜାବ, ଚଣ୍ଡୀଗଡ ଏବଂ ଉତ୍ତରପଶ୍ଚିମ ଅଞ୍ଚଳର ରାଜସ୍ଥାନ ଓ

ଗୁଜୁରାଟ ସୀମାବର୍ତ୍ତୀ ଅଞ୍ଚଳରେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଡକ୍ଟର ସିଂହ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ଡକ୍ଟର ସିଂହ ବିଭାଗୀୟ ବରିଷ୍ଠ ପଦାଧିକାରୀ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି । ସେହିସବୁ ଅଞ୍ଚଳରେ ସୁରକ୍ଷା ସ୍ଥିତି ନେଇ ମଧ୍ୟ ମତବିନିମୟ ହୋଇଛି ।

ସୀମାପାର ଆକ୍ରମଣ ପରିପ୍ରେକ୍ଷୀରେ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିବା ଉପରେ ଡକ୍ଟର ସିଂହ ବୈଠକରେ ଗୁରୁତ୍ୱ ପ୍ରଦାନ କରିଛି । ସୁରକ୍ଷା ସମ୍ପର୍କିତ ମାର୍ଗଦର୍ଶିକାକୁ ସମୀକ୍ଷା କରିବା ସହ ଅଧିକ ଉନ୍ନତ କରିବା ଉପରେ ସବୁ ବିଜ୍ଞାନଭିତ୍ତିକ ପ୍ରତିଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ପାଣିପାଗ ବିଭାଗର ଉପକରଣଗୁଡ଼ିକର ସୁରକ୍ଷା ନେଇ ସମୀକ୍ଷା କରିବାକୁ ଡକ୍ଟର ସିଂହ ବିଭାଗର ମହାନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟତଃ ଶ୍ରୀନଗର, ଲେହ ଏବଂ ଅନ୍ୟାନ୍ୟ ଆଗୁଆ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ରହିଥିବା ଉପକରଣ ଗୁଡ଼ିକ ନେଇ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସ କହିଛନ୍ତି । ଆତ୍ମରକ୍ଷା, ସୁରକ୍ଷା ସମ୍ପର୍କିତ  ଅନ୍ୟାନ୍ୟ ପଦକ୍ଷେପ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା

ଦିଗରେ ପ୍ରସ୍ତୁତ ହେବାକୁ ନିରନ୍ତର ମକ୍‌ଡ୍ରିଲ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ନ୍ୟାସନାଲ ଟେକ୍ନୋଲୋଜି ଡେ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆଜି ପାଳନ କରାଯାଉଛି । ୧୯୯୮ ମସିହାରେ ଆଜିର ଦିନରେ ରାଜସ୍ଥାନର ପୋଖରାନଠାରେ ଭାରତ’ ସଫଳତାର ସହ ପରମାଣୁ ବୋମାର ପରୀକ୍ଷଣ କରିଥିଲା । ଏହି ଦିବସର ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ମେ’ ୧୧ ତାରିଖକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଦିବସ ପାଳନ ଅବସରରେ ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ, ଉଦ୍ଭାବକଙ୍କର ଅଦମ୍ୟ ଚେଷ୍ଟା ଏବଂ ପରିଶ୍ରମକୁ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଭାରତର ପ୍ରଥମ ଇଣ୍ଡିଜିନିୟସ୍ ଏୟାରକ୍ରାଫ୍ଟ ‘ହଂସ-୩’କୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଥିଲା । ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଉନ୍ନତି ଏବଂ ଏଥିରେ ଯୁବବର୍ଗଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଜୀବନଶୈଳୀକୁ ଦୃଷ୍ଟିରେ ରଖି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉନ୍ନତି

ନେଇ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ୟୁଏସ୍-ଚାଇନା ଟକ୍

ବାଣିଜ୍ୟ କାରବାର ନେଇ ଆମେରିକା ଏବଂ ଚୀନ୍ ମଧ୍ୟରେ ଗତକାଲି ସ୍ୱିଜରଲ୍ୟାଣ୍ଡଠାରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଏହା ବନ୍ଧୁତ୍ୱପୂର୍ଣ୍ଣ ଏବଂ ସକରାତ୍ମକ ରହିଥିଲା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଉଭୟପକ୍ଷ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହେବା ସହ ସହମତି ପ୍ରକାଶ ପାଇଛି । ଉଭୟ ଦେଶର ବ୍ୟାବସାୟିକ ପରିସ୍ଥିତି ଏବଂ ବିକାଶକୁ ଦୃଷ୍ଟିରେ ରଖି ଏହି ଆଲୋଚନା ହୋଇଥିବା ଶ୍ରୀ ଟ୍ରମ୍ପ କହିଛନ୍ତି ।

ସୂଚନାଯୋଗ୍ୟ, ଚୀନ୍ ଆମଦାନୀ ଉପରେ ଆମେରିକା ସର୍ବନିମ୍ନ ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବା ବେଳେ ଆମେରିକା ଆମଦାନୀ ଉପରେ ଚୀନ୍ ୧୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛି। ଫଳସ୍ୱରୂପ ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟିକ କାରବାର ବହୁମାତ୍ରାରେ ପରିବର୍ତ୍ତନ ହୋଇଛି। ଆମେରିକା ପ୍ରତିନିଧି ଶ୍ରୀ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରୀର୍’ ସ୍ୱିଜରଲାଣ୍ଡ ଯିବାର କିଛି ଘଣ୍ଟା ପରେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଚୀନ୍ ସାମଗ୍ରୀ ଉପରେ ୮୦

ପ୍ରତିଶତ ଶୁଳ୍କ ହ୍ରାସ କରିବାର ସମ୍ଭାବନା ଘୋଷଣା କରିବା ସହ ଚୀନ୍ ଆମେରିକା ପାଇଁ ତାର ବଜାର ଖୋଲିବାକୁ କହିଛି ।

## ବାଂଲାଦେଶ-ଆୱାମି ଲିଗ୍

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ଦଳର ସମସ୍ତ କାର୍ଯ୍ୟକଳାପକୁ ନିଷେଧ ଘୋଷଣା କରିଛନ୍ତି । ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ଆୱାମି ଲିଗ୍ ଦଳର କୌଣସି କାର୍ଯ୍ୟକ୍ରମକୁ ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତ ବୋଲି ଗ୍ରହଣ କରାଯିବ । ଏନେଇ ଦଳର କାର୍ଯ୍ୟକର୍ତ୍ତା ଏବଂ ନେତାଙ୍କ ବିରୁଦ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଢ଼ାକାସ୍ଥିତ ରାଜ୍ୟ ଅତିଥିଭବନରେ ସରକାରଙ୍କ ପରାମର୍ଶଦାତା ପରିଷଦ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଇଣ୍ଟରନ୍ୟାସନାଲ, କ୍ରାଇମ୍ସ ଟ୍ରିବ୍ୟୁନାଲ ଆକ୍ଟରେ ଆବଶ୍ୟକ ସଂଶୋଧନକୁ ମଧ୍ୟ ପରିଷଦ ଅନୁମୋଦନ କରିଛି । ନିଷେଧାଦେଶକୁ ଅବଜ୍ଞା କରି ଆୱାମୀ ଲିଗ୍ ପାର୍ଟି ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରାଗଲେ ଏହି ଆଇନ୍ ଅଧୀନରେ ସେମାନଙ୍କ ବିରୁଦ୍ଧରେ

ଆବଶ୍ୟକ ପଦକ୍ଷେପ ନିଆଯିବ । ଏ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ପରବର୍ତ୍ତୀ କାର୍ଯ୍ୟଦିବସ ସୁଦ୍ଧା ଘୋଷଣା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ପାକ୍ ମିସ୍‌ଫାୟାର

ପାକିସ୍ତାନ ସେନାର ଏକ କ୍ଷେପଣାସ୍ତ୍ର ନିଜ ବେସାମରିକ ଜନବହୁଳ ଅଞ୍ଚଳରେ ପଡ଼ିଥିବା ଜଣାପଡିଛି । ଗୁରୁଦ୍ୱାର ନିକଟରେ ଏହି କ୍ଷେପଣାସ୍ତ୍ରଟି ପଡିଥିଲା । ଏହାର ବିସ୍ଫୋରଣରେ ସେଠାରେ ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । କ୍ଷେପଣାସ୍ତ୍ରଟି ବିଫଳ ହୋଇ ନିଜ ଅଞ୍ଚଳରେ ପଡିଥିବା ଜଣାପଡିଛି । କ୍ଷେପଣାସ୍ତ୍ର ବ୍ୟବସ୍ଥାରେ ଦୁର୍ବଳ ଏବଂ ମାର୍ଗଦର୍ଶନରେ ବିଫଳତା ରହିଥିବା ଏହି ପଦକ୍ଷେପକୁ ପ୍ରମାଣ କରୁଛି । ୨୦୨୨ ମସିହାରେ ମଧ୍ୟ ଏକ କ୍ଷୁଦ୍ର ଦୂରତା ବିଶିଷ୍ଟ କ୍ଷେପଣାସ୍ତ୍ର ନିୟମିତ ପରୀକ୍ଷଣ ସମୟରେ ନିଜ ଅଞ୍ଚଳରେ ପଡି ବହୁ ଚାଷଜମି କ୍ଷତିଗ୍ରସ୍ତ ହେବା ସହ ଗ୍ରାମବାସୀ ଆହତ ହୋଇଥିଲେ । ସେହିଭଳି ୨୦୨୪ ମସିହାରେ ମଧ୍ୟ ଏଭଳି ଘଟଣା ପୁନର୍ବାର ଘଟିଥିଲା । ପାକିସ୍ତାନର ଗୌରବ ବୋଲି କୁହାଯାଉଥିବା ଫତେହ-୧ କ୍ଷେପଣାସ୍ତ୍ର ଦ୍ୱାରା ଏଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଛି । ଏହି କ୍ଷେପଣାସ୍ତ୍ରକୁ ଗତକାଲି ସକାଳେ

ହରିୟାଣାର ଶୀର୍ଷାଠାରେ ଭାରତୀୟ ବାୟୁସେନାପକ୍ଷରୁ ପ୍ରତିହତ କରାଯାଇଥିଲା ।

## ବିସିସିଆଇ-ଆଇପିଏଲ୍

ଆଇପିଏଲ୍ କ୍ରକେଟର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକର ଆୟୋଜନ ନେଇ ଆଜି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର କାର୍ଯ୍ୟକର୍ତ୍ତା ଏବଂ ଆଇପିଏଲ୍ ପରିଚାଳନା ପରିଷଦ ମଧ୍ୟରେ ବୈଠକ ହେବାର କାର୍ଯ୍ୟସୂଚୀ ରହିଛି । ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣାପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତ ଆଇପିଏଲ୍ ସିରିଜ୍‌ର ବାକିଥିବା ୧୬ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ନିର୍ଦ୍ଧାରଣ ନେଇ ବୈଠକରେ ଆଲୋଚନା କରାଯିବ । ସେଥିମଧ୍ୟରୁ ୧୨ଟି ଲିଗ୍ ଏବଂ ୪ଟି ପ୍ଲେ-ଅପ୍ ମ୍ୟାଚ୍ ଅନ୍ତର୍ଭୁକ୍ତ । ଗତ ଶୁକ୍ରବାରଦିନ ଆଇପିଏଲ୍‌ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା । ଗତ ୮ତାରିଖ ଦିନ ଧର୍ମଶାଳାଠାରେ ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଅଧାରୁ ବନ୍ଦ ରଖାଯାଇଥିଲା । ପରିସ୍ଥିତିକୁ

ଦୃଷ୍ଟିରେ ରଖି ଖେଳାଳି ଏବଂ ସହଯୋଗୀ କର୍ମଚାରୀଙ୍କୁ ଜଳନ୍ଧର ପର୍ଯ୍ୟନ୍ତ ବସ୍‌ରେ ଏବଂ ପରେ ଦିଲ୍ଲୀ ପର୍ଯ୍ୟନ୍ତ ଟ୍ରେନ୍‌ରେ ଅଣାଯାଇଥିଲା ।

# ମନସୁନ୍

ଆସନ୍ତା ୨୭ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଘୋଷଣା କରିଛି । ନିର୍ଦ୍ଧାରିତ ସମୟ ଜୁନ୍ ପହିଲାରୁ ୫ ଦିନ ପୂର୍ବରୁ ମୌସୁମୀ କେରଳ ସ୍ପର୍ଶ କରିବାର ଆକଳନ କରାଯାଇଛି । ଦେଶରେ କୃଷି କ୍ଷେତ୍ରରେ ଏହା ସକରାତ୍ମକ ପ୍ରଭାବ ପକାଇବ ବୋଲି ବିଭାଗ କହିଛି । ଆଗୁଆ ମୌସୁମୀ କୃଷି କ୍ଷେତ୍ର ପାଇଁ ବିଶେଷ ସହାୟକ ହୋଇଥାଏ ବୋଲି ପୂର୍ବରୁ ପ୍ରମାଣିତ ହୋଇସାରିଛି । ଚଳିତବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାନେଇ ପାଣିପାଗ ବିଭାଗ ଅନୁମାନ କରିଛି । ୧୦୫ ପ୍ରତିଶତ ବର୍ଷା ହେବ ବୋଲି ଆଶା କରାଯାଉଛି । ଲଗାତର ଦ୍ୱିତୀୟ ବର୍ଷ ପାଇଁ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି । ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଓଡ଼ିଶା, ଛତିଶଗଡ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ବର୍ଷା ହେବ । ତେବେ ଜାମ୍ମୁକାଶ୍ମୀର, ଲଦାଖ, ତାମିଲନାଡୁ, ବିହାର

ଏବଂ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି ।